# REGIONAL NEWS UNIT, AIR CUTTACK

## Evening Bulletin (6.45 PM)

**15 October – 2026**

**********************************

## ମୁଖ୍ୟ ସମ୍ବାଦ

- ଏସୀୟ କ୍ରୀଡ଼ା–୨୦୨୬ରେ ଭାରତୀୟ ଖେଳାଳିଙ୍କ ପ୍ରଦର୍ଶନ ନୂତନ ଭାରତର ସଶକ୍ତ ପ୍ରତିଛବି; କହିଲେ ପ୍ରଧାନମନ୍ତ୍ରୀ
- ମୁଖ୍ୟମନ୍ତ୍ରୀ ଅନ୍ତ୍ୟୋଦୟ ଗୃହ ଯୋଜନାରେ ନିର୍ମାଣ ହେବ ଅଧିକ ୨ ଲକ୍ଷ ୯୧ ହଜାର ୬୬୬ଟି ନୂତନ ଗୃହ
- ରାଜ୍ୟର ବିଭିନ୍ନ ମହାବିଦ୍ୟାଳୟ ଓ ବିଶ୍ୱବିଦ୍ୟାଳୟରେ ଛାତ୍ର ସଂସଦ ନିର୍ବାଚନର ଫଳାଫଳ ପ୍ରକାଶ; ଆସନ୍ତାକାଲି ଶପଥ ଗ୍ରହଣ
- ବଜ୍ରପାତ ସୁରକ୍ଷା ଓ କ୍ଷୟକ୍ଷତି ହ୍ରାସ ପାଇଁ ଆସିବ ସ୍ୱତନ୍ତ୍ର ମାର୍ଗଦର୍ଶିକା

ଏବଂ

- ଆଗାମୀ ପଞ୍ଚାୟତ ଓ ପୌର ନିର୍ବାଚନ ପାଇଁ ତ୍ରୁଟିଶୂନ୍ୟ ଭୋଟର ତାଲିକା ପ୍ରସ୍ତୁତି ଲକ୍ଷ୍ୟରେ ଆସନ୍ତା ୨୬ ତାରିଖରୁ ଆରମ୍ଭ ହେବ ଘରକୁ ଘର ସର୍ଭେ

Desk

## ପ୍ରଧାନମନ୍ତ୍ରୀ- ଏସୀୟ କ୍ରୀଡ଼ା

ଏସୀୟ କ୍ରୀଡ଼ା-୨୦୨୬ରେ ଭାରତୀୟ ଖେଳାଳିମାନେ ଦେଶ ପାଇଁ ଜିତିଥିବା ୮୫ଟି ପଦକ କେବଳ ଏକ ସଂଖ୍ୟା ନୁହେଁ, ଏହା ନୂତନ ଭାରତର ସଶକ୍ତ ପ୍ରତିଛବି ବୋଲି ପ୍ରଧାନମନ୍ତ୍ରୀ କହିଛନ୍ତି। ନୂଆଦିଲ୍ଲୀରେ ଆଜି ଏସୀୟ କ୍ରୀଡ଼ାରେ ଭାଗ ନେଇଥିବା କ୍ରୀଡ଼ାବିତ୍‌ମାନଙ୍କ ସହ ବାର୍ତ୍ତାଳାପ ଅବସରରେ ପ୍ରଧାନମନ୍ତ୍ରୀ କହିଛନ୍ତି, ଏହି ସଫଳତା ଦେଶର ୧୪୦ କୋଟି ଲୋକଙ୍କ ସଫଳତା। ତ୍ରିରଙ୍ଗାର ମାନ ରକ୍ଷା ଦିଗରେ ଖେଳାଳିମାନଙ୍କ ଅଦମ୍ୟ ପରିଶ୍ରମ ଓ ସଫଳତାକୁ ପ୍ରଶଂସା କରିଛନ୍ତି। ଏହି ଅବସରରେ ଶ୍ରୀ ମୋଦୀ’ ଏସୀୟ କ୍ରୀଡ଼ାରେ ମହିଳା କ୍ରୀଡ଼ାବିତମାନଙ୍କ ସଫଳତାକୁ ଭୂୟସୀ ପ୍ରଶଂସା କରିବା ସହ କହିଛନ୍ତି, ମୋଟ ୮୫ଟି ପଦକ ମଧ୍ୟରୁ ମହିଳା କ୍ରୀଡ଼ାବିତ୍‌ମାନେ ୩୮ଟି ପଦକ ହାସଲ କରିଛନ୍ତି। ୩୮ଟି ପଦକ ମଧ୍ୟରୁ ୧୧ଟି ସ୍ୱର୍ଣ୍ଣ ପଦକ ରହିଥିବା ପ୍ରଧାନମନ୍ତ୍ରୀ କହିଛନ୍ତି।

**- V/O –**

Desk

## ମୁଖ୍ୟମନ୍ତ୍ରୀ ଅନ୍ତ୍ୟୋଦୟ ଗୃହ ଯୋଜନା

ମୁଖ୍ୟମନ୍ତ୍ରୀ ଅନ୍ତ୍ୟୋଦୟ ଗୃହ ଯୋଜନାର କାର୍ଯ୍ୟକାଳ ଦୁଇ ବର୍ଷ ବୃଦ୍ଧି କରାଯାଇଛି। ନିଷ୍ପତ୍ତି ଅନୁଯାୟୀ, ଏହି ଯୋଜନାରେ ଅଧିକ ୨ ଲକ୍ଷ ୯୧ ହଜାର ୬୬୬ଟି ନୂଆ ଘର ନିର୍ମାଣ ନିମନ୍ତେ ମୁଖ୍ୟମନ୍ତ୍ରୀ ମୋହନ ଚରଣ

ମାଝୀ ଅନୁମୋଦନ ପ୍ରଦାନ କରିଛନ୍ତି। ୨୦୨୭ ପରିବର୍ତ୍ତେ ୨୦୨୯ ପର୍ଯ୍ୟନ୍ତ ଏହି ଯୋଜନାର ଅବଧି ବୃଦ୍ଧି କରାଯାଇଛି। ତେବେ ଯୋଜନାର ମୋଟ ପ୍ରକଳ୍ପ ଖର୍ଚ୍ଚ ପୂର୍ବଭଳି ୭ ହଜାର ୫୫୦ କୋଟି ଟଙ୍କା ରହିଛି।

All PTC

## ଛାତ୍ରସଂସଦ ନିର୍ବାଚନ

ରାଜ୍ୟର ବିଭିନ୍ନ ମହାବିଦ୍ୟାଳୟ ଓ ବିଶ୍ୱବିଦ୍ୟାଳୟରେ ଆଜି ଛାତ୍ରସଂସଦ ନିର୍ବାଚନ ପାଇଁ ଭୋଟ୍‌ଗ୍ରହଣ ଶେଷ ହେବା ପରେ ଫଳାଫଳ ପ୍ରକାଶ ପାଇଛି। ଆସନ୍ତାକାଲି ପୂର୍ବାହ୍ନରେ ନବନିର୍ବାଚିତ ପ୍ରତିନିଧିଙ୍କର ଶପଥଗ୍ରହଣ ଅନୁଷ୍ଠିତ ହେବ । ସୂଚନା ଅନୁଯାୟୀ ରାଜ୍ୟର ୩୨୮ଟି ମହାବିଦ୍ୟାଳୟ ଏବଂ ୧୩ଟି ବିଶ୍ୱବିଦ୍ୟାଳୟରେ ଛାତ୍ର ସଂସଦ ପାଇଁ ୬ ହଜାରୁ ଅଧିକ ପ୍ରାର୍ଥୀ ପ୍ରତିଦ୍ୱନ୍ଦ୍ୱିତା କରୁଥିଲେ। ଆସନ୍ତାକାଲି ବିଜୟୀ ପ୍ରାର୍ଥୀମାନେ ଶପଥଗ୍ରହଣ କରିବେ ।

Desk

## କ୍ୱାଟର୍ସ ନିର୍ମାଣ

ରାଜ୍ୟପାଳ ଡକ୍ଟର ହରିବାବୁ କମ୍ଭମପାଟି ଆଜି ଭୁବନେଶ୍ୱରସ୍ଥିତ ଲୋକଭବନ ପରିସରରେ ଅଧିକାରୀ ଓ କର୍ମଚାରୀଙ୍କ ପାଇଁ ୧୪୪ଟି ଆବଶ୍ୟକ କ୍ୱାଟର୍ସ ନିର୍ମାଣ ପାଇଁ ଭିତ୍ତିପ୍ରସ୍ତର ସ୍ଥାପନ କରିଛନ୍ତି। ଏହି ପ୍ରକଳ୍ପ ଅନ୍ତର୍ଗତ ୪ଟି ବ୍ଲକରେ ୯୬ଟି ଇ-ଟାଇପ୍ ଏବଂ ୨ଟି ବ୍ଲକରେ ୪୮ଟି ଏଫ୍-ଟାଇପ୍ କ୍ୱାଟର୍ସ ନିର୍ମାଣ କରାଯିବ। ନିର୍ମାଣ କାର୍ଯ୍ୟକୁ ୨୦୨୮ ମସିହା ସୁଦ୍ଧା ସମ୍ପୂର୍ଣ୍ଣ କରିବାର ଲକ୍ଷ୍ୟ ରଖାଯାଇଛି। ଏହି ପ୍ରକଳ୍ପ

ଲୋକଭବନରେ କାର୍ଯ୍ୟରତ ଅଧିକାରୀ ଓ କର୍ମଚାରୀମାନଙ୍କ କଲ୍ୟାଣ ତଥା ସେମାନଙ୍କୁ ପର୍ଯ୍ୟାପ୍ତ ଆବଶ୍ୟକ ସୁବିଧା ଯୋଗାଇ ଦେବାରେ ସହାୟକ ହେବ ବୋଲି ରାଜ୍ୟପାଳ କହିଛନ୍ତି ।

BBSR/R

## ଅଦ୍ୱିକା ଯୋଜନା

କିଶୋରୀ ସଶକ୍ତୀକରଣ ପାଇଁ ମହିଳା ଓ ଶିଶୁ ବିକାଶ ବିଭାଗ ଏବଂ ବିର୍ଲା ଗ୍ଲୋବାଲ ବିଶ୍ୱବିଦ୍ୟାଳୟ ମଧ୍ୟରେ ବିଭାଗୀୟ କମିଶନର ତଥା ଶାସନ ସଚିବ ମୃଣାଳିନୀ ଦର୍ଶଓ୍ୱାଲଙ୍କ ଉପସ୍ଥିତିରେ ଏକ ବୁଝାମଣାପତ୍ର ସ୍ୱାକ୍ଷରିତ ହୋଇଛି । ୧୦ରୁ ୧୯ ବର୍ଷ ବୟସର କିଶୋର ଓ କିଶୋରୀଙ୍କ ସାମର୍ଥ୍ୟକୁ ବିକଶିତ କରିବା ଉଦ୍ଦେଶ୍ୟରେ ଓଡ଼ିଶା ସରକାର 'ଅଦ୍ୱିକା– କିଶୋର ଓ କିଶୋରୀ ସଶକ୍ତୀକରଣର ଏକ ପ୍ରଥମ ଯୋଜନା' ଆରମ୍ଭ କରିଥିଲେ । ଯୋଜନାରେ ପ୍ରତି ଶନିବାର' କିଶୋର ଓ କିଶୋରୀଙ୍କ ପାଇଁ ଜୀବନ କୌଶଳ ଶିକ୍ଷା ଓ ସଚେତନତା କାର୍ଯ୍ୟକ୍ରମ ଆୟୋଜନ କରାଯାଇଥାଏ । ବିର୍ଲା ଗ୍ଲୋବାଲ ବିଶ୍ୱବିଦ୍ୟାଳୟ ଭୁବନେଶ୍ୱରସ୍ଥିତ ଏହାର କ୍ୟାମ୍ପସରେ ୫୦ ଜଣ ଅଦ୍ୱିକା କିଶୋରୀଙ୍କ ପାଇଁ ୬ ଦିନିଆ ଆବଶ୍ୟକ ତାଲିମ କାର୍ଯ୍ୟକ୍ରମ ଆୟୋଜନ କରିବ । ଏହାଦ୍ୱାରା କିଶୋରୀମାନଙ୍କୁ ବିଶ୍ୱବିଦ୍ୟାଳୟ ପରିବେଶର ଅଭିଜ୍ଞତା ସହ ବ୍ୟବହାରିକ ଶିକ୍ଷା ପ୍ରଦାନ କରାଯିବ । ଏହି ଅବସରରେ ଶ୍ରୀମତୀ ଦର୍ଶଓ୍ୱାଲ ଡିଜିଟାଲ ଓ ଜ୍ଞାନ ଆଧାରିତ ଦୁନିଆ ପାଇଁ କିଶୋରୀମାନଙ୍କୁ ପ୍ରସ୍ତୁତି କରିବା ଉପରେ ଗୁରୁତ୍ୱାରୋପ କରିଥିଲେ ।

Desk

## ଦକ୍ଷତା ବିକାଶ କାର୍ଯ୍ୟକ୍ରମ

ଜାତୀୟ ଶିକ୍ଷାନୀତି-୨୦୨୦ ଓ ଜାତୀୟ ବିଦ୍ୟାଳୟ ଶିକ୍ଷା ପାଠ୍ୟକ୍ରମ ରୂପରେଖ-୨୦୨୩ ସମ୍ବନ୍ଧରେ ନୋଡାଲ ପ୍ରଧାନ ଶିକ୍ଷକ ଏବଂ ବିଦ୍ୟାଳୟ ନେତୃତ୍ୱଙ୍କ ପାଇଁ ଏକ ତିନିଦିନିଆ ଦକ୍ଷତା ବିକାଶ କାର୍ଯ୍ୟକ୍ରମ ଭୁବନେଶ୍ୱର ଆଞ୍ଚଳିକ ଶିକ୍ଷା ପ୍ରତିଷ୍ଠାନରେ ଉଦ୍‌ଯାପିତ ହୋଇଯାଇଛି। ଜାତୀୟ ଶିକ୍ଷାନୀତି-୨୦୨୦ ଓ ଜାତୀୟ ବିଦ୍ୟାଳୟ ଶିକ୍ଷା ପାଠକ୍ରମ ରୂପରେଖକୁ ପ୍ରଭାବଶାଳୀଭାବେ କାର୍ଯ୍ୟକାରୀ କରିବା ଦିଗରେ ପ୍ରଧାନ ଶିକ୍ଷକମାନଙ୍କର ନେତୃତ୍ୱ ଓ ବୃତ୍ତିଗତ ଦକ୍ଷତା ବୃଦ୍ଧି କରିବା ଏହାର ମୁଖ୍ୟ ଉଦ୍ଦେଶ୍ୟ ଥିଲା। କାର୍ଯ୍ୟକ୍ରମରେ ଆଞ୍ଚଳିକ ଶିକ୍ଷା ପ୍ରତିଷ୍ଠାନର ଅଧ୍ୟକ୍ଷ ପ୍ରଫେସର ଲକ୍ଷ୍ମୀଧର ବେହେରା ଯୋଗଦେଇ' ଶିକ୍ଷକମାନଙ୍କ ନିରନ୍ତର ବୃତ୍ତିଗତ ଆବଶ୍ୟକତା ଉପରେ ଗୁରୁତ୍ୱାରୋପ କରିବା ସହ ବିଦ୍ୟାଳୟଗୁଡ଼ିକୁ ଶିକ୍ଷାଗତ ସହାୟତା ପ୍ରଦାନ ପୂର୍ବକ ଏହି ସମସ୍ତ ନୀତିର କାର୍ଯ୍ୟକାରିତା ଦିଗରେ ବିଦ୍ୟାଳୟ ନେତୃତ୍ୱଙ୍କୁ ଉତ୍ସାହିତ କରିଥିଲେ। କାର୍ଯ୍ୟକ୍ରମ ଗତ ସୋମବଠାରୁ ଆରମ୍ଭ ହୋଇଥିଲା।

Desk

## ବଜ୍ରପାତ ସୁରକ୍ଷା କର୍ମଶାଳା

ବଜ୍ରପାତ ଜନିତ ମୃତ୍ୟୁ ଓ କ୍ଷୟକ୍ଷତି ହ୍ରାସ କରିବା ପାଇଁ ବୈଜ୍ଞାନିକ, ବୈଷୟିକ ତଥା ପ୍ରଶାସନିକ ପଦକ୍ଷେପ ସମ୍ପର୍କରେ ଆଲୋଚନା କରିବା ଲକ୍ଷ୍ୟରେ ଆଜିଠାରୁ ଭୁବନେଶ୍ୱରଠାରେ ଦୁଇଦିନିଆ ଜାତୀୟ ବଜ୍ରପାତ ସୁରକ୍ଷା କର୍ମଶାଳା ଆରମ୍ଭ ହୋଇଛି। ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା

ମନ୍ତ୍ରୀ ସୁରେଶ ପୂଜାରୀ କର୍ମଶାଳାର ଉଦ୍‌ଘାଟନ କରିଛନ୍ତି । କର୍ମଶାଳାର ଆଜି ପ୍ରଥମ ଦିନରେ ଉପଗ୍ରହ ତଥ୍ୟର ସମନ୍ୱୟ, ସଂଖ୍ୟାତ୍ମକ ପାଣିପାଗ ପୂର୍ବାନୁମାନ, କୃତ୍ରିମ ବୁଦ୍ଧିମତା ଓ ମେସିନ ଲର୍ଣ୍ଣିଂର ନୂତନ ପ୍ରୟୋଗ ଏବଂ ପଞ୍ଚାୟତସ୍ତରୀୟ ନିଷ୍ପତ୍ତି ସହାୟକ ବ୍ୟବସ୍ଥା ମାଧ୍ୟମରେ ବଜ୍ରପାତ ଚିହ୍ନଟ ଓ ପୂର୍ବାନୁମାନ ବ୍ୟବସ୍ଥାର ଉନ୍ନତି ଉପରେ ଆଲୋଚନା କରାଯାଇଛି। ବଜ୍ରପାତ ପ୍ରକୋପ ହ୍ରାସ ସୁନିଶ୍ଚିତ କରିବା ପାଇଁ ଆଗାମୀ ଦିନରେ ସ୍ୱତନ୍ତ୍ର ମାର୍ଗଦର୍ଶିକା ଆସିବ ବୋଲି ଶ୍ରୀ ପୂଜାରୀ କହିଛନ୍ତି। ଓଡ଼ିଶାରେ ତିନୋଟି ରାଡାର କାର୍ଯ୍ୟକ୍ଷମ ଥିବାବେଳେ ଭୁବନେଶ୍ୱର ଓ ବାଲେଶ୍ୱରରେ ନୂତନ ରାଡାର ସ୍ଥାପନ ପରେ ପରୀକ୍ଷା ଚାଲିଛି। ଏହା ବଜ୍ରପାତ ସମ୍ପର୍କିତ ସଠିକ୍ ତଥ୍ୟର ଆକଳନ ଓ ପୂର୍ବାନୁମାନରେ ସହାୟକ ହେବ ବୋଲି ପାଣିପାଗ ବିଭାଗର ମହାନିର୍ଦ୍ଦେଶକ ମୃତ୍ୟୁଞ୍ଜୟ ମହାପାତ୍ର କହିଛନ୍ତି...

**- V/O –**

Desk

# ପଞ୍ଚାୟତ ନିର୍ବାଚନ - ଭୋଟର ତାଲିକା

ରାଜ୍ୟରେ ଆଗାମୀ ପଞ୍ଚାୟତ ଓ ପୌର ନିର୍ବାଚନ ପାଇଁ ସ୍ୱଚ୍ଛ, ନିରପେକ୍ଷ ଓ ତ୍ରୁଟିଶୂନ୍ୟ ଭୋଟର ତାଲିକା ପ୍ରସ୍ତୁତି ପାଇଁ ରାଜ୍ୟ ନିର୍ବାଚନ କମିଶନଙ୍କ ପକ୍ଷରୁ ଆସନ୍ତା ୨୬ ତାରିଖରୁ ଘରକୁ ଘର ସର୍ଭେ ଆରମ୍ଭ ହେବ । ଏ ସମ୍ବନ୍ଧରେ ରାଜ୍ୟ ନିର୍ବାଚନ ଆୟୁକ୍ତ ମଧୁସୂଦନ ପାଢ଼ୀ ଆଜି ଭୁବନେଶ୍ୱରସ୍ଥିତ କାର୍ଯ୍ୟାଳୟରେ ଗଣମାଧ୍ୟମକୁ ସୂଚନା ଦେଇ କହିଛନ୍ତି, ଘରକୁ ଘର ସର୍ଭେ କରି ତ୍ରୁଟିଶୂନ୍ୟ ଭୋଟର ତାଲିକା ପ୍ରସ୍ତୁତ କରିବାକୁ

ଲକ୍ଷ୍ୟ ରଖାଯାଇଛି। ଏହି ପ୍ରକ୍ରିୟା ପରେ ଆସନ୍ତା ବର୍ଷ ଜାନୁଆରୀ ପହିଲାରେ ଚିଠା ଭୋଟର ତାଲିକା ପ୍ରକାଶ ପାଇବ। ତାଲିକା ସମ୍ପର୍କରେ ଦାବି ଓ ଆପତ୍ତି ଦାଖଲ କରିବା ପାଇଁ ଭୋଟରମାନଙ୍କୁ ୨୦ ଦିନର ସମୟ ଦିଆଯିବ। ସମସ୍ତ ଦାବି, ଆପତ୍ତିର ଯାଞ୍ଚ ଏବଂ ଆବଶ୍ୟକୀୟ ପ୍ରକ୍ରିୟା ସମାପ୍ତ ହେବା ପରେ ଫେବୃଆରୀ ମାସ ୧୦ ତାରିଖରେ ଚୂଡ଼ାନ୍ତ ଭୋଟର ତାଲିକା ପ୍ରକାଶ ପାଇବ। ସର୍ଭେ କାର୍ଯ୍ୟ ଆସନ୍ତା ୭ ତାରିଖ ପର୍ଯ୍ୟନ୍ତ ଚାଲିବ ବୋଲି ଶ୍ରୀ ପାଢ଼ି କହିଛନ୍ତି।

Baragada

## ଭୋଟର ତାଲିକା ପଞ୍ଜୀକରଣ

ବରଗଡ଼ ଜିଲ୍ଲାରେ ନୂତନ ଭୋଟର ପଞ୍ଜୀକରଣ ଲାଗି ୪ ହଜାର ୧୪ଟି ଆବେଦନ ମିଳିଛି। କୌଣସି ଯୋଗ୍ୟ ଭୋଟର ଯେଭଳି ବାଦ୍ ନ ପଡ଼ିବେ, ସେଥିପାଇଁ ଜିଲ୍ଲାରେ ବ୍ୟାପକ ସଚେତନତା କାର୍ଯ୍ୟକ୍ରମ ହାତକୁ ନିଆଯାଇଛି। ସୂଚନା ଅନୁଯାୟୀ, ଚଳିତ ମାସ ୧ ତାରିଖରୁ ଆରମ୍ଭ ହୋଇଥିବା ଅଭିଯାନରେ ଫର୍ମ-୬ରେ ଭୋଟର ତାଲିକାରେ ନାମ ସାମିଲ କରିବା ଲାଗି ପ୍ରକ୍ରିୟା ଆରମ୍ଭ ହୋଇଛି।

Kendujhar

## ସଚେତନତା କର୍ମଶାଳା

କେନ୍ଦୁଝର ଜିଲ୍ଲା ପ୍ରଶାସନ ପକ୍ଷରୁ ରାଜ୍ୟ ସରକାରଙ୍କ ବୁକ୍ ସର୍କୁଲାର ସଂଖ୍ୟା ୪୭ ଉପରେ ସଚେତନତା କର୍ମଶାଳା ଆୟୋଜିତ ହୋଇଯାଇଛି। ଅତିରିକ୍ତ ଜିଲ୍ଲାପାଳ ମନ୍ଦରଧର ମହାଳିକ' ନିର୍ବାଚିତ ପ୍ରତିନିଧି ଏବଂ

ପ୍ରଶାସନିକ ବ୍ୟବସ୍ଥା ମଧ୍ୟରେ ସମନ୍ୱୟ ରକ୍ଷା କରିବା ଉପରେ ପ୍ରଶିକ୍ଷଣ ଦେଇଥିଲେ।

Malkangiri

## ବେଟି ବଚାଓ, ବେଟି ପଢ଼ାଓ

ମାଲକାନଗିରି ଜିଲ୍ଲାରେ 'ବେଟି ବଚାଓ, ବେଟି ପଢ଼ାଓ' କାର୍ଯ୍ୟକ୍ରମରେ ୪ ଜଣ ପ୍ରତିଭାବାନ୍ କନ୍ୟାଙ୍କୁ ସମ୍ବର୍ଦ୍ଧିତ କରାଯାଇଛି। ଜିଲ୍ଲା ସମାଜ ମଙ୍ଗଳ ଓ ଶିଶୁ ସୁରକ୍ଷା ବିଭାଗ ପକ୍ଷରୁ ଆୟୋଜିତ କାର୍ଯ୍ୟକ୍ରମରେ ନୃତ୍ୟ, କ୍ରୀଡ଼ା ଏବଂ ଶିକ୍ଷା କ୍ଷେତ୍ରରେ ସଫଳତା ଅର୍ଜନ କରିଥିବା ୪ ଜଣଙ୍କୁ ପୁରସ୍କୃତ କରାଯାଇଥିବାବେଳେ ଏହି ସଫଳତା ଅନ୍ୟ ବାଳିକାମାନଙ୍କୁ ପ୍ରେରଣା ଯୋଗାଇବ ବୋଲି କୁହାଯାଇଛି।

Kataka

## ରାଜସ୍ୱ ଓ ଖଣି– ଚଢ଼ାଉ

କଟକ ଜିଲ୍ଲାରେ ବେଆଇନ କାର୍ଯ୍ୟକଳାପ ଓ ନିୟମ ଉଲ୍ଲଂଘନକାରୀଙ୍କ ବିରୁଦ୍ଧରେ ରାଜସ୍ୱ ଓ ଖଣି ବିଭାଗ ପକ୍ଷରୁ ପଦକ୍ଷେପ ନେବା ଆରମ୍ଭ ହୋଇଛି। ଜିଲ୍ଲାର ବାରଙ୍ଗ, ମାହାଙ୍ଗ ଓ କିଶନ ନଗର ତହସିଲ ଅଞ୍ଚଳରେ ଚଢ଼ାଉ କରାଯାଇ ୨୮ଟି ଗାଡ଼ି ଜବତ କରାଯାଇଥିବା ଜଣାପଡ଼ିଛି। ଆଗାମୀ ଦିନରେ ନିୟମ ଉଲ୍ଲଂଘନକାରୀଙ୍କ ବିରୁଦ୍ଧରେ କଠୋର ପଦକ୍ଷେପ ଗ୍ରହଣ କରାଯିବ ବୋଲି ରାଜସ୍ୱ ଓ ଖଣି ବିଭାଗ ପକ୍ଷରୁ ସୂଚନା ଦିଆଯାଇଛି।

Ganjam

## କୋଠିଶାଳ ଯାତ୍ରା

ଶାରଦୀୟ ଦୁର୍ଗା ପୂଜା ଆରମ୍ଭ ହୋଇଥିବାବେଳେ ଗଞ୍ଜାମ ଜିଲ୍ଲାର ପ୍ରସିଦ୍ଧ ଲୋକନୃତ୍ୟ ତଥା ଲୋକକଳା 'କୋଠିଶାଳ ଯାତ୍ରା' ଆୟୋଜିତ ହେଉଛି। ବ୍ରହ୍ମପୁର ବିଜୁପଟ୍ଟନାୟକ ସଂସ୍କୃତି ଭବନଠାରେ ଜିଲ୍ଲା ପ୍ରଶାସନ ପକ୍ଷରୁ ଆୟୋଜିତ କୋଠିଶାଳ ଯାତ୍ରା କାର୍ଯ୍ୟକ୍ରମରେ ବାଣିଜ୍ୟ ଓ ପରିବହନ ମନ୍ତ୍ରୀ ବିଭୂତି ଭୂଷଣ ଜେନା ମୁଖ୍ୟ ଅତିଥିଭାବେ ଯୋଗଦେଇ ଏହି ଯାତ୍ରାକୁ ରାଜ୍ୟସ୍ତରୀୟ ସ୍ୱୀକୃତି ନିମନ୍ତେ ଆବଶ୍ୟକୀୟ ପଦକ୍ଷେପ ନେବାକୁ ପରାମର୍ଶ ଦେଇଥିଲେ।

Nayagada

## ଖାଦ୍ୟ ସୁରକ୍ଷା ଯାଞ୍ଚ

ନୟାଗଡ଼ ପୌରାଞ୍ଚଳର ବିଭିନ୍ନ ଖାଦ୍ୟ ବ୍ୟବସାୟ ପ୍ରତିଷ୍ଠାନରେ ଖାଦ୍ୟ ସୁରକ୍ଷା ବିଭାଗ ପକ୍ଷରୁ ଯାଞ୍ଚ କରାଯାଇଛି। ସୂଚନା ଅନୁଯାୟୀ, ଯାଞ୍ଚ ସମୟରେ ୪୫ କିଲୋଗ୍ରାମରୁ ଅଧିକ ବାସି ଖାଦ୍ୟ ନଷ୍ଟ କରାଯାଇଥିବାବେଳେ ୨ ହଜାର ୫୦୦ ଟଙ୍କା ଜରିମାନା ଆଦାୟ କରାଯାଇଛି। ଆଗାମୀ ଦିନରେ ଏଭଳି ଯାଞ୍ଚ କାର୍ଯ୍ୟ ଜାରି ରହିବ ବୋଲି ଜିଲ୍ଲାପାଳ ମଧୁମିତା ରଥ କହିଛନ୍ତି।

Malkangiri

## ପାଠ୍ୟପୁସ୍ତକ ବଣ୍ଟନ

ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ପକ୍ଷରୁ ମାଲକାନଗିରି ଜିଲ୍ଲାର ସମସ୍ତ ୭ଟି ବ୍ଲକରେ ସଂଶୋଧିତ ତଥା ତ୍ରୁଟିମୁକ୍ତ ନୂତନ ପାଠ୍ୟପୁସ୍ତକ ବଣ୍ଟନ ପ୍ରକ୍ରିୟା ଆରମ୍ଭ ହୋଇଛି। ସୂଚନା ଅନୁଯାୟୀ, ଜିଲ୍ଲା ସମଗ୍ର ଶିକ୍ଷା ପ୍ରକଳ୍ପ ସଂଯୋଜକ ଏବଂ ଜିଲ୍ଲା ଶିକ୍ଷା ଅଧିକାରୀଙ୍କ କାର୍ଯ୍ୟାଳୟ ପକ୍ଷରୁ ସମସ୍ତ

ସରକାରୀ ଓ ସରକାରୀ ଅନୁଦାନପ୍ରାପ୍ତ ପ୍ରାଥମିକ ଓ ଉଚ୍ଚ ପ୍ରାଥମିକ ବିଦ୍ୟାଳୟକୁ ପାଠ୍ୟପୁସ୍ତକ ବିତରଣ କରାଯାଉଛି।